# ପିଲାମାନଙ୍କ ପାଇଁ ବାଇବଲ

ଉପହାର





# ନୋହ ଏବଂ
# ମହାପ୍ରଳୟ ଜଳପ୍ଲାବନ

ଲେଖକ: Edward Hughes

ଦୃଷ୍ଟାନ୍ତ: Byron Unger; Lazarus

ଉପଯୋଜକ: M. Maillot; Tammy S.

ଅନୁବାଦକ: Prasanta Bhuyan

ପ୍ରୟୋଯୋକ: Bible for Children
www.M1914.org

©2012 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ
ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ନୋହ ଜଣେ ବ୍ୟକ୍ତି, ଯିଏ ସଦାପ୍ରଭୁଙ୍କ ଆରାଧନା କରୁଥିଲେ । ପ୍ରତ୍ୟେକ ମନୁଷ୍ୟ ପରମେଶ୍ୱରଙ୍କୁ ଘୃଣା ଓ ଅମାନ୍ୟ କଲେ । ଦିନେ, ପରମେଶ୍ୱର ଏକ ଭୟଙ୍କର ବିଷୟ କହିଲେ ।



ପରମେଶ୍ୱର ନୋହଙ୍କୁ କହିଲେ । ମୁଁ ଏହି ପାପିଷ୍ଠ ଜଗତତକୁ ବିନାଶ କରିବି । କେବଳ ତୁମ୍ଭର ପରିବାର ହିଁ ମହା ପ୍ରଳୟ ଜଳପ୍ଲାବନରୁ ଉଦ୍ଧାର ପାଇବ ।



ସଦାପ୍ରଭୁ ପରମେଶ୍ୱର ନୋହଙ୍କୁ ସତର୍କ କରାଇ
କହିଲେ, ଏକ ମହାପ୍ରଳୟ ଜଳପ୍ଲାବନ ଆସି ପୃଥିବିକୁ
ଘୋଡ଼ାଇବ । ସଦାପ୍ରଭୁ ପରମେଶ୍ୱର ନୋହଙ୍କୁ
ଆଦେଶ କରି କହିଲେ ତୁମ୍ଭେ କାଠରେ ଏକ
ବଡ଼ ଜାହାଜ ନିର୍ମାଣ କର ଯେଉଁଥିରେ
ତୁମ୍ଭର ପରିବାର ଓ ଅନେକ ପଶୁ,
ପକ୍ଷୀ ଗୁଡ଼ିକ ବାସ
କରିପାରିବେ ।



ଆଉ ସଦାପ୍ରଭୁ ସଠିକ ଭାବରେ ନୋହଙ୍କୁ ଶିକ୍ଷାପ୍ରଦାନ କଲେ । ତହିଁରେ ନୋହ କାର୍ଯରେ ବ୍ୟସ୍ତ ହେଲେ ।





ଲୋକମାନେ ନୋହଙ୍କୁ ପରିହାସ
କରିଥାଇ ପାରନ୍ତି, ମାତ୍ର ସେ
ଲୋକମାନଙ୍କୁ ବ୍ୟାଖ୍ୟା
କରି କହୁଥିଲେ ଯେ
ସେ କଣପାଇଁ
ଜାହାଜ
ନିର୍ମାଣ
କରୁଛନ୍ତି । ନୋହ
ସେ ପ୍ରକାରେ ଜାହାଜ
ନିର୍ମାଣ କରିଚ଼ାଲିଲେ ।
ନୋହ ମଧ୍ୟ ସଦାପ୍ରଭୁଙ୍କ
ବିଷୟରେ ଲୋକମାନଙ୍କୁ
କହିଚ଼ାଲିଲେ । ଆଉ କେହି ମଧ୍ୟ
ନୋହଙ୍କୁ ଶୁଣିଲେ ନାହିଁ ।



ନୋହଙ୍କର ବଡ଼ ବିଶ୍ୱାସ
ଥିଲା । ଯଦିବା ପୁର୍ବରୁ
କେବେହେଁ ବୃଷ୍ଟିପାତ
ହୋଇନଥିଲା ତଥାପି ସେ
ପରମେଶ୍ୱରଙ୍କୁ ବିଶ୍ୱାସ କଲେ ।
ଅନ୍ୟାନ୍ୟ ଆବଶ୍ୟକତାମାନ
ଭର୍ତ୍ତି କରିବାକୁ ଜାହାଜ ଶିଘ୍ର
ପ୍ରସ୍ତୁତ ହେଲା ।

ବର୍ତ୍ତମାନ ପଶୁପକ୍ଷୀମାନେ ଆସିଲେ । ସଦାପ୍ରଭୁ ପରମେଶ୍ୱର ପ୍ରତ୍ୟକ
ଶୁଚି ପଶୁ ଜାତିର ସାତ ଦମ୍ପତିକୁ ଆଣିଲେ, ଅନ୍ୟାନ୍ୟରୁ କେବଳ ଦୁଇଟି ।
ଛୋଟ ଏବଂ ବଡ଼ପକ୍ଷୀ, ଗେଡ଼ା ଏବଂ ଡେଙ୍ଗା ପଶୁ ଜାହାଜକୁ
ଅସିଗଲେ ।





ଏହାହୋଇପାରେ ଲୋକମାନେ
ନୋହଙ୍କୁ ପରିହାସ ଓ ଅପମାନ
କରିଥିବେ, ଯେତେବେଳେ ନୋହ
ସର୍ବପ୍ରକାର ଜୀବଜନ୍ତୁ ଯୋଡ଼ା
ଯୋଡ଼ା ଦମ୍ପତିକ୍ରମେ
ଜାହାଜରେ ଭର୍ତ୍ତି
କଲେ ।

ସେମାନେ ପରମେଶ୍ୱରଙ୍କ
ବିରୁଦ୍ଧରେ ପାପ କରିବା ବନ୍ଦ କଲେ
ନାହିଁ । ଏବଂ ଜାହାଜରେ ପ୍ରବେଶ
କରିବାକୁ ମଧ୍ୟ ସେମାନେ
ନୋହଙ୍କୁ ପଚାରିଲେ
ନାହିଁ ।





ଅନ୍ତିମରେ, ଅନେକ ପ୍ରକାର ପଶୁ ପକ୍ଷୀମାନେ ଜାହାଜ ଭିତରକୁ ଆସିଲେ । ଜାହାଜ ଭିତରକୁ ଆସିବାକୁ, ପରମେଶ୍ୱର ନୋହଙ୍କୁ ଆମନ୍ତ୍ରଣ କଲେ । ତୁମ୍ଭେ ଏବଂ ତମ୍ଭର ପରିବାର । । ନୋହ ଏବଂ ତାଙ୍କରି ଭାର୍ଯ୍ୟା, ତାଙ୍କର ତିନିପୁତ୍ର, ପୁଣି ସେମାନଙ୍କ ସହିତ ସେମାନଙ୍କର ଭାର୍ଯ୍ୟା ଜାହାଜରେ ପ୍ରବେଶ କଲେ । ତହିଁରେ ଅନନ୍ତର ସଦାପ୍ରଭୁ ପରମେଶ୍ୱର ପାର୍ଶ୍ୱଦ୍ୱାର ବନ୍ଦ କଲେ ।



ସେତେବେଳେ ବୃଷ୍ଟିପାତ
ହେଲା । ଅନନ୍ତର ଢ଼ାଳିଶ ଦିନ
ଏବଂ ରାତ୍ରି ଅତ୍ୟାଧିକ ବୃଷ୍ଟିପାତ
ହୋଇ ପୃଥିବୀକୁ ସମ୍ପୂର୍ଣ୍ଣଭାବେ
ଓଦା କରିଦେଲା ।



ଜଳ ପ୍ଲାବନ
ସମଗ୍ର ଗ୍ରାମ୍ୟାଞ୍ଚଳ
ଏବଂ ସହର ମାନଙ୍କରେ
ବିସ୍ତୃତ ହେଲା । ଯେତେବେଳେ ବୃଷ୍ଟିପାତ
ଥମିଗଲା, ସେହି ସମୟରେ ଉଚ୍ଚତମ ପାହାଡ଼
ଗୁଡ଼ିକ ସୁଧା ପାଣି ଭିତରେ ବୁଡ଼ିଥିଲେ । ନିଶ୍ୱାସ
ପ୍ରଶ୍ୱାସ ଧାରି ସମସ୍ତଙ୍କର ମୃତ୍ୟୁ ହେଲା ।



ଯେପରି ଜଳ ବୃଦ୍ଧି ପାଇଲା, ଜାହାଜ ପାଣି ଉପରେ ଭାସିଲା । ଏହାର ଭିତର ପାର୍ଶ୍ୱ ଅନ୍ଧକାର, ବୋଧହୁଏ ଧକଚକିଆ ଓ ଭୟାବହ ହୋଇ ଥାଇପାରେ । କିନ୍ତୁ ନୋହଙ୍କ ଆଶ୍ରୟ ସ୍ଥାନ ବନ୍ୟାରୁ ନିରାପଦ ଥିଲା ।



ଜଳ ପ୍ଲାବନର ପାଞ୍ଚମାସ ପରେ, ସଦାପ୍ରଭୁ
ପରମେଶ୍ୱର ସୁଖିଲା ବାୟୁ ବୁହାଇଲେ, ତହିଁରେ ଜଳ
ଥମିଗଲା, ପୁଣି ଆରାରୋଟ ପର୍ବତ ଉପରେ ଜାହାଜ
ରହିଗଲା । ଯେପର୍ଯନ୍ତ ଜଳର ହ୍ରାସ ପାଇଲା
ନାହିଁ । ନୋହ ଅନନ୍ତର ଡ଼ାଳିଶ ଦିନ
ପର୍ଯନ୍ତ ଜାହାଜ
ଭିତରେ
ରହିଲେ ।

ନୋହ ଗୋଟିଏ ଝରକା ଖୋଲି ଏକ ଡାମରା କାଉ ଓ କାପ୍ତାକୁ ବାହାରକୁ ଉଡ଼ାଇ ଦେଲେ । ସେତେବେଳେ ପୃଥିବୀ ଜଳଛାଦିତ ଥିବାରୁ କାପ୍ତା ଆପଣା ପାଦ ରଖିବାକୁ ସ୍ଥାନ ନ ପାଇ ଜାହାଜକୁ ନେଉଟି ଆସିଲା ।





ଆଉ ସାତ ଦିନ ବଳମ୍ବ
କଲା ଉତ୍ତାରେ ସେହି କାପ୍ତାକୁ
ପୁନର୍ବାର ଜାହାଜରୁ ବାହାରକୁ
ଉଡ଼ାଇ ଦେଲେ । ତହିଁରେ କାପ୍ତା
ସଂଧ୍ୟାବେଳେ ତାଙ୍କ ନିକଟକୁ ଫେରି
ଆସିଲା । ଆଉ ଦେଖ, ତାହାର ଚଞ୍ଚୁରେ
ଜୀତ ବୃକ୍ଷର ନବୀନ ପଲ୍ଲବ ଥିଲା ।
ଆଉ ସାତଦିନ ବଳମ୍ବକରି, ସେହି କାପ୍ତାକୁ
ପୁନର୍ବାର ପଠାଇଲେ, ମାତ୍ର ତାଙ୍କ ନିକଟକୁ ନେଉଟି
ଆସିଲା ନାହିଁ, ତହିଁରେ ନୋହ ବୁଝିଲେ ।

ଅନନ୍ତର ପରମେଶ୍ୱର ନୋହଙ୍କୁ କହିଲେ, ଜାହାଜରୁ ବାହାରକୁ ଯିବା ସମୟ ହୋଇଅଛି, ପୁଣି ସମସ୍ତ ପରିବାର ମିଲିମିସି ଜାହାଜରେ ଥିବା ସମସ୍ତ ପଶୁପକ୍ଷୀ ଓ ଭୂଚର ପ୍ରାଣି, ଉରୋଗାମି ସବୁ ଜୀବଜନ୍ତୁ ବାହାରକୁ ଘେନିଯାଅ ।



ନୋହ ନିଶ୍ଚିନ୍ତ ଭାବରେ କୃତଜ୍ଞତା
ମନେ କରିଥିବେ । ନୋହ
ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ
ଯଜ୍ଞବେଦି ନିର୍ମାଣ କରି
ତାଙ୍କୁ ପୂଜା ଆରାଧନା କଲେ,
ଯେଉଁ ସଦାପ୍ରଭୁ ପରମେଶ୍ୱର
ନୋହଙ୍କୁ ଏବଂ ତାଙ୍କ ପରିବାରକୁ
ଭୟାନକ ଜଳପ୍ଲାବନରରୁ
ଉଦ୍ଧାର କଲେ ।



ପରମେଶ୍ୱର
ଏକ ଆଶ୍ଚର୍ଯ୍ୟ ଜନକ
ପ୍ରତିଜ୍ଞା ନୋହଙ୍କୁ ପ୍ରଦାନ
କଲେ । ଆଉ ପୁନର୍ବାର
କଦାପି ଆମ୍ଭେ ଏହିପ୍ରକାର
ଜଲପ୍ଲାବନ ଓ ବୃଷ୍ଟିପାତ ଦ୍ୱାରା
ମନୁଷ୍ୟକୁ ତାହାର

ପାପ ନିମନ୍ତେ ବିଚାର
କରିବା ନାହିଁ । ଆଉ
ପରମେଶ୍ୱର ନିଜ ପ୍ରତିଜ୍ଞାକୁ
ସ୍ମରଣ କରିବା ନିମନ୍ତେ ଏକ
ଚିହ୍ନ ଦେଲେ ଯାହା ସପ୍ତରଙ୍ଗ
ଧନୁପରି ଥିଲା ।


ଜଳପ୍ଲାବନ ପରେ ନୋହ
ଓ ତାଙ୍କରି ପରିବାର
ଏକ ନୂତନ ଆରମ୍ଭ ଦେଖିପାରିଲେ ।
ସମୟାନୁକ୍ରମେ ନୋହଙ୍କ ବଂଶର
ଲୋକମାନେ ପୁନର୍ବାର ପୃଥିବୀକୁ
ପରିପୂର୍ଣ୍ଣ କଲେ । ପୃଥିବୀର
ସମସ୍ତ ଦେଶ ଗୁଡ଼ିକ
ନୋହ ଓ
ତାଙ୍କରି ତିନି ସନ୍ତାନ
ମାନଙ୍କ ଠାରୁ ଜାତହେଲେ ।

ନୋହ ଏବଂ ମହାପ୍ରଳୟ ଜଳପ୍ଲାବନ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ଆଦିପୁସ୍ତକ ୬-୧୦

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

# ସମାପ୍ତି

ଏହି ବାଇବଲ୍ କହାଣି ଇଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ
ସୃଷ୍ଟି କରିଅଛନ୍ତି ଏବଂ ସେହି ଇଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ୍ୟ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଯାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଇଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯ୍ୟନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର, ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି । ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ
କଥୋପକଥନ ହୁଅନ୍ତୁ । ଯୋହନ ୩:୧୬